Sl. No. 196 D–DTN–J–PSB

ORIYA

Paper—II

(Literature)

Time Allowed : Three Hours	Maximum Marks : 300

INSTRUCTIONS

Candidates should attempt Question Nos. 1 and 5 which are compulsory, and any THREE of the remaining questions, selecting at least ONE question from each Section.

The number of marks carried by each question is indicated at the end of the question.

Answers must be written in Oriya.

Section—A

1. ନିମ୍ନପ୍ରଦତ୍ତ ଯେକୌଣସି ତିନିଗୋଟି ବିଷୟରେ ସଂକ୍ଷିପ୍ତ ଆଲୋଚନା କର (ପ୍ରତ୍ୟେକଟି ଆଲୋଚନା *200* ଶବ୍ଦ ମଧ୍ୟରେ ଲେଖିବାକୁ ହେବ) : 20×3=60

   (a) ମହାନ୍ ଯୋଗୀ ଅବଧୂତଙ୍କ ଚବିଶ ଗୁରୁଙ୍କ ମଧ୍ୟରୁ କେହି ବି ପଣ୍ଡିତ ଋଷିମୁନି ନଥିଲେ। ପ୍ରକୃତି, ମାନବେତର ଜୀବ ଓ ମଣିଷ ମଧ୍ୟରେ ବାଳକ, କୁମାରୀ ଓ ବେଶ୍ୟା ଥିଲେ। ଏହାର ତାତ୍ପର୍ଯ୍ୟ କ'ଣ, ସ୍ୱୀୟ ମତ ବ୍ୟକ୍ତ କର।

   (b) ପୁନର୍ଜ୍ଜନ୍ମ ବିଶ୍ୱାସ କିଭଳି 'ଲାବଣ୍ୟବତୀ' କାବ୍ୟର ପ୍ରାରମ୍ଭିକ ଭିତ୍ତିଭୂମି ସୃଷ୍ଟି କରିଛି, ପଠିତ ଛାନ୍ଦଦ୍ୱୟ ଅବଲମ୍ବନରେ ଆଲୋଚନା କର।

Optional Province · optionalprovince.com

(c) କାବ୍ୟପାଠ ଯେତେ ସୁଖକର ହେଲେ ମଧ୍ୟ ବାସ୍ତବଠାରୁ କଥାବସ୍ତୁ ଦୂରେଇ ଗଲେ, ପାଠକ ମନରେ ଅଯଥା ପ୍ରଶ୍ନର ସୂତ୍ରପାତ ହେବାର ସମ୍ଭାବନା ରହେ। 'ଚନ୍ଦ୍ରଭାଗା'ର କଥାବସ୍ତୁକୁ ଏହି ଦୃଷ୍ଟିରୁ ଆଲୋଚନା କରାଯାଇପାରେ କି ? ସ୍ୱୀୟ ମତ ସ୍ପଷ୍ଟ କର।

(d) 'ଦକ୍ଷିଣା ପ୍ରତି' (ଜୀବନ ଚିତା) କବିତାରୁ ସବୁଜ ଯୁଗୀୟ ସ୍ୱର ଅନୁରଣିତ ହେବାଭଳି ମନେ ହେଉଥିଲେ ମଧ୍ୟ ମାନସିଂହୀୟ ଚେତନା ସ୍ପଷ୍ଟ ବାରି ହୁଏ। ଆଲୋଚନା କର।

2. ଆଧୁନିକ ଜୀବନ–ଚିନ୍ତା ଓ ଚେତନାର ସ୍ଫୁରଣ କିଭଳି 'କବିତା–୧୯୬୨'ରେ ହୋଇଅଛି, ଆଲୋଚନା କର। 60

3. କୃଷ୍ଣ ବିରହ ଦଶା ଭୋଗୁଥିବା ଗୋପୀମାନଙ୍କର ଅବସ୍ଥାର ବର୍ଣ୍ଣନା ମଧ୍ୟରେ କବିଙ୍କର କାବ୍ୟ–ମାନସର ରୀତିଯୁଗୀୟ ପରାକାଷ୍ଠା କିଭଳି ପ୍ରଦର୍ଶିତ ହୋଇଛି, ଆଲୋଚନା କର। 60

4. ମଣିଷ ନିଜକୁ ନିଜ ଭିତରେ ଦେଖି ଆତଙ୍କିତ ହୋଇପଡ଼ିବାର ଚିତ୍ର 'ସପ୍ତମ ଋତୁ'ର କବିତାସମୂହରେ ଉଙ୍କି ମାରିଥାଏ। ସ୍ୱୀୟ ମତାମତ ଉଦାହରଣ ସହ ପ୍ରଦାନ କର। 60

Section—B

5. ନିମ୍ନପ୍ରଦତ୍ତ ବିଷୟଗୁଡ଼ିକ ମଧ୍ୟରୁ ଯେକୌଣସି ତିନୋଟିର ସଂକ୍ଷିପ୍ତ ଆଲୋଚନା ଲେଖ (ପ୍ରତ୍ୟେକଟି ଆଲୋଚନା *200* ଶବ୍ଦ ମଧ୍ୟରେ ଲେଖିବାକୁ ହେବ) : 20×3=60

(a) ''ଏ ନାଟକ ଆଦୌ ଐତିହାସିକ, ତାତ୍ତ୍ୱିକ କିମ୍ବା ଧର୍ମୀୟ ନୁହେଁ। ବୁଦ୍ଧ, ବୌଦ୍ଧଧର୍ମ କିମ୍ବା ହଠାତ୍ ଇତିହାସରୁ ବାହାରି ଆସିଥିବା କେତେକ ଚରିତ୍ର ନାଟକର ଐତିହାସିକତା ପାଇଁ ନୁହେଁ।'' ନାଟ୍ୟକାରଙ୍କ ଏହି ଉକ୍ତିର ଆଧାରରେ 'ତଟନିରଞ୍ଜନା'ର ଆଲୋଚନା କର।

Optional Province · optionalprovince.com

(b) ସୁରେନ୍ଦ୍ର ମହାନ୍ତିଙ୍କ ରଚନାଶୈଳୀ 'ମରାଳର ମୃତ୍ୟୁ' ଗଳ୍ପ ସଂକଳନରେ ଗାଳ୍ପିକଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ। ବିଶ୍ଳେଷଣ କର।

(c) 'ଜାଣିବା ଓ ବୁଝିବା' ପ୍ରବନ୍ଧରେ ପ୍ରାବନ୍ଧିକଙ୍କ ବକ୍ତବ୍ୟକୁ ସ୍ପଷ୍ଟ କର।

(d) ଦାନାପାଣିର ଦୌଡ଼ରେ ବଳିଦତ୍ତ ହେବା ମଧ୍ୟ କାହା କାହା ଭାଗ୍ୟରେ ଘଟିଥାଏ। ଉପନ୍ୟାସ ଆଧାରରେ ଏତାଦୃଶ ଜୀବନର ବିଶ୍ଳେଷଣ କର।

6. ଆଧୁନିକ ବିଷୟବସ୍ତୁ ଓ ପାରମ୍ପରିକ ନାଟ୍ୟରୀତି କିଭଳି 'କାଠଘୋଡ଼ା' ନାଟକକୁ ସଫଳ କରିଛି, ଆଲୋଚନା କରି ସ୍ୱୀୟ ମତାମତ ପ୍ରଦାନ କର। 60

7. ମଙ୍ଗରାଜ ଓ ଚମ୍ପା ଭଳି ଦୁଇଟି ଦୁଷ୍ଟ ଓ ଅସାମାଜିକ ଚରିତ୍ରକୁ ଉପନ୍ୟାସରେ ଗୁରୁତ୍ୱ ପ୍ରଦାନ କରି ଔପନ୍ୟାସିକ ପାଠକକୁ କ'ଣ କହିବାକୁ ଚାହିଁଛନ୍ତି ? ସ୍ୱୀୟ ମତ ପ୍ରଦାନ କର। 60

8. ହାସ୍ୟ ଓ ବ୍ୟଙ୍ଗର ମିଶ୍ରିତ ଶୈଳୀର ଚମତ୍କାରିତା ମନୋଜ–ଗଳ୍ପର ପ୍ରାଣ, ପଠିତ ଗଳ୍ପ ସଂକଳନ 'ଲକ୍ଷ୍ମୀର ଅଭିସାର'ରୁ ଏହାକୁ ପ୍ରମାଣ କରାଯାଇପାରେ କି ? ସ୍ୱୀୟ ମତାମତ ସ୍ପଷ୍ଟ କର। 60

★ ★ ★

Optional Province · optionalprovince.com